









ସମ୍ବାଦ

# ସାଲେପୁର କଲେଜ୍‌ରେ ଅନ୍ତଃମହାବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ସାଲେପୁର, ୧।୧୧ (ଇମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାୟୋଜିତ ତଥା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ସହଯୋଗରେ ଆଜି ଅନ୍ତଃମହାବିଦ୍ୟାଳୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ପୌରୋହିତ୍ୟ କରି କ୍ରୀଡ଼ାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସ୍ପୋର୍ଟସ୍ କାଉନ୍‌ସିଲ୍ ଡାଇରେକ୍ଟର୍ ଡକ୍ଟର ବ୍ରଜସୁନ୍ଦର ରାୟ ମୁଖ୍ୟବକ୍ତା ଏବଂ ପରିଚାଳନା କମିଟି ସଦସ୍ୟ ନବକିଶୋର କର, ଅବତନ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଥ୍‌ଲେଟିକ୍ କ୍ଲବ୍ ଉପସଭାପତି ଅଧ୍ୟାପକ ଜୀବନଜ୍ୟୋତି ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ଅଧ୍ୟାପକ ବସନ୍ତ କୁମାର ଲେଙ୍କା ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ କଲେଜ୍‌ର ୧୩ଟି ଦଳ ଭାଗ ନେଇଛନ୍ତି। ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ଜେନା, ଜୟବର୍ଦ୍ଧନ ଜେନା, ଆଲୋକ ମହାନ୍ତି, ତୁଷାର ମହାନ୍ତି, ରାଜେନ୍ଦ୍ର ସ୍ୱାଇଁ, ସୁଶାନ୍ତ ପାଢ଼ୀ, ମନ୍ତନ୍ ବେହେରା, କସ୍ତୁରୀ ମଲ୍ଲିକ, ରଶ୍ମିତା ନାୟକ, ହୃଷୀକେଶ ମହାରଣା, ସୌମ୍ୟା ଦାସ, ସୁଜିତ୍ ଶତପଥୀ, ସଞ୍ଜୟ ନାୟକ, ଯଯାତି ଲେଙ୍କା, ପଦ୍ମାଶ୍ରୀ ପାଣିଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।